## ସଂକ୍ଷେପରେ

### ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡ, ୧ ଲକ୍ଷ ଜରିମାନା

ମାଲକାନଗିରି, ୧୯।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସ୍ୱତନ୍ତ୍ର ଜିଲା ଜଜ୍ ବିକ୍ରମ କୁମାର ପଟ୍ଟନାୟକ ମଙ୍ଗଳବାର ଏକ ଗଞ୍ଜେଇ ଚୋରାଚାଲାଣ ମାମଲାର ଶୁଣାଣିକରି ଅଭିଯୁକ୍ତ ଅନୁପାଲ ରାଜା ରାଓଙ୍କୁ ୧୦ ବର୍ଷ କାରାଦଣ୍ଡ ସହ ୧ ଲକ୍ଷର ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଆଉ ୧ ବର୍ଷ ଅଭିଯୁକ୍ତ କାରାଦଣ୍ଡ ଭୋଗିବେ ବୋଲି ରାୟ ଶୁଣାଇଛନ୍ତି। ସୂଚନାଯୋଗ୍ୟ,୬।୬।୨୩ରେ ବାଲିମେଳା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ବିପିନ କୁମାର ସାମଲ ଏବଂ କର୍ମଚାରୀମାନେ ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଡାଇକ୍-୨ ରାସ୍ତା ନିକଟରେ ଯାନବାହନ ଯାଞ୍ଚ ସମୟରେ କିଛି ଦୂରରେ ଜଣେ ବ୍ୟକ୍ତି ରାସ୍ତାକଡ଼ରେ ବସ୍ତା ଧରି ଠିଆ ହୋଇଥିବା ଦେଖିଥିଲେ। ସନ୍ଦେହ ହେବାରୁ ତାଙ୍କ ପାଖକୁ ଯାଇ ବସ୍ତା ଯାଞ୍ଚ କରିବାରୁ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ଫଳରେ ଗଞ୍ଜେଇ ବସ୍ତା ସହ ଅଭିଯୁକ୍ତ ଅନୁପାଲଙ୍କୁ ଗିରଫ କରିଥିଲେ। ଅନୁପାଲ ଚିତ୍ରକୋଣ୍ଡା ଥାନା ରାଜବନ୍ଧା ଗ୍ରାମର ହୋଇଥିବା ବେଳେ ଉକ୍ତ ବସ୍ତାରେ ୩୩ କେଜି ଗଞ୍ଜେଇ ଥିଲା। ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା।

### ୨ ନାବାଳକଙ୍କ ସମେତ ୫ ଲୁଟେରା ଗିରଫ

ମାଲକାନଗିରି, ୧୯।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ପୋଲିସ ଦ୍ୱାରା ୨ ନାବାଳକଙ୍କ ସମେତ ୫ ଲୁଟେରା ଗିରଫ ହୋଇଛନ୍ତି। ଏ ସମ୍ବନ୍ଧରେ ମାଲକାନଗିରି ଏସ୍‌ପି ନୀତୀଶ ୱାଧୱାନୀ ଏକ ପ୍ରେସ୍‌ନୋଟ୍ ମାଧ୍ୟମରେ ଦେଇଥିବା ସୂଚନା ଅନୁଯାୟୀ, ୯।୧୨।୨୩ ଦିନ ଲୁଟେରା ରାଜା ସଗରିଆ, ପବନ ନାଗ ଓ ଜଣେ ନାବାଳକ ମାଲକାନଗିରି ସଦର ମହକୁମା ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଠାକୁର ଅନୁକୂଳ ଚନ୍ଦ୍ର ମନ୍ଦିରରୁ ୨ଟି ଫ୍ୟାନ୍, ଗୋଟିଏ ଇନ୍‌ଭଟର ଓ ଗୋଟିଏ ବ୍ୟାଟେରି, ଦୁଇଟି ଷ୍ଟାଣ୍ଡ ଫ୍ୟାନ୍ ଓ ୫୦ ହଜାର ଟଙ୍କା ଚୋରି କରିଥିଲେ। ପରେ ୧୦।୩।୨୪ ରିଖ ଦିନ ରାଜା ସଗରିଆ, ପବନ ବାଗ, ସୁରଜ ପାଙ୍ଗୀ ଓ ୨ ଜଣ ନାବାଳକ ମାଲକାନଗିରି ସଦର ମହକୁମା ୧୧୯ କଲୋନିର କୁମୁଟି ଖରାଙ୍କ ଘରେ ପଶି ଆଲମାରି ଭାଙ୍ଗି ସେଥିରୁ ୩ ଲକ୍ଷ ଟଙ୍କା, ସୁନା ଗହଣା ଚୋରି କରି ନିଜ ନିଜ ମଧ୍ୟରେ ବାଣ୍ଟି ନେଇଥିଲେ। ମାଲକାନଗିରି ଆଦର୍ଶ ଥାନାରେ ଅଭିଯୋଗ ପରେ ପୋଲିସ ମଙ୍ଗଳବାର ୩ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ୨ ନାବାଳକଙ୍କୁ ଜେଜେବିରେ ହାଜର କରିଛନ୍ତି।

# ୭ ଅଭିଯୁକ୍ତଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ

**୨୨ ବର୍ଷ ପରେ ହତ୍ୟା ଉଦ୍ୟମ ମାମଲାର ରାୟ**

ଭଞ୍ଜନଗର, ୧୯।୩(ବାବୁଲା ପ୍ରଧାନ):

ଗଞ୍ଜାମ ଜିଲା ଭଞ୍ଜନଗର ସହକାରୀ ଦୌରାଜଜ ସୋମାଲୀନା ମିଶ୍ର ମଙ୍ଗଳବାର ୨୨ ବର୍ଷ ତଳର ଏକ ହତ୍ୟା ଉଦ୍ୟମ ମାମଲାର ବିଚାର କରି ୭ ଜଣ ଅଭିଯୁକ୍ତଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ପକାଇଛନ୍ତି। ଜରିମାନା ଅର୍ଥ ଅନାଦେୟ ଅଧିକ ୨ ମାସ କାରାଦଣ୍ଡ ଭୋଗିବା ପାଇଁ ବିଚାରପତି ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ଦଣ୍ଡିତ ବ୍ୟକ୍ତିମାନେ ହେଲେ ଭଞ୍ଜନଗର ଥାନା ଅନ୍ତର୍ଗତ ବଡ଼କୋଦଣ୍ଡା ଗ୍ରାମର ବସନ୍ତ ପାଢ଼ି, ଜେ. ବିଶ୍ୱଜିତ ପୃଷ୍ଟି, ବାବୁଲା ବେହେରା, ଦଣ୍ଡାସି ବିଷୋୟୀ, ପର୍ଶୁରାମ ପ୍ରଧାନ, ଅଶୋକ ସାହୁ, ଗୌରୀ ସ୍ୱାଇଁ । ଅନ୍ୟଜଣେ ଅଭିଯୁକ୍ତ ଫେରାର ଥିବା ବେଳେ ତାଙ୍କର ରାୟ ସଂରକ୍ଷିତ ରଖାଯାଇଛି। ଏଥିସହ ଜଣେ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିସାରିଛି।

ପ୍ରକାଶ ଯେ, ୨୦୦୨ ଫେବୃଆରୀ ମାସରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ଚାଲିଥାଏ। ବଡ଼କୋଦଣ୍ଡା ଗ୍ରାମରେ ବିଜେଡି ଓ କଂଗ୍ରେସ ନେତାମାନଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଲାଗି ରହିଥାଏ। ଫେବୃଆରୀ ୨୩ ତାରିଖ ରାତି ପ୍ରାୟ ୮ଟା ସମୟରେ ସଂପୃକ୍ତ ଗ୍ରାମର ବିଜେଡ଼ି ନେତା କିଶୋର ପୃଷ୍ଟି ନିଜ ମିଲରୁ କାମ ସାରି ଘରକୁ ଫେରୁଥିଲେ। ଏହି ସମୟରେ ଗ୍ରାମରେ ଘନ ଘନ ବୋମା ମାଡ଼ ହେଉଥିଲା। କିଶୋରଙ୍କୁ ମଧ୍ୟ ଅଭିଯୁକ୍ତମାନେ ଆକ୍ରମଣ ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ସେ ପ୍ରାଣ ବିକଳରେ ନିଜ ଘର ଭିତରକୁ ଯିବାକୁ ଚେଷ୍ଟା କରିଥିଲେ। କିନ୍ତୁ କବାଟ ବନ୍ଦ ଥିବା ଯୋଗୁଁ ଅନ୍ୟ ଜଣକ ଘରକୁ ଯାଇ ଆକ୍ରମଣରୁ ରକ୍ଷା ପାଇଯାଇଥିଲେ। ଏହି ବୋମା ମାଡ଼ରେ କିଶୋରଙ୍କ ଭାଇ ଶରତ ଚନ୍ଦ୍ର ପୃଷ୍ଟି, ଶିବରାମ ସ୍ୱାଇଁ, ଲିଙ୍ଗରାଜ ସ୍ୱାଇଁ ଏବଂ ତାଙ୍କ ସ୍ତ୍ରୀଙ୍କ ସମେତ ଗ୍ରାମର ଅନେକ ଆହତ ହୋଇଥିଲେ। ଗ୍ରାମରେ ଏକ ପ୍ରକାର ଆତଙ୍କ ପରିସ୍ଥିତି ଲାଗି ରହିଥିବା ବେଳେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲକୁ ଆଣିଥିଲେ। ଏହାପରେ କିଶୋର ପୃଷ୍ଟିଙ୍କ ଏତଲା କ୍ରମେ ଭଞ୍ଜନଗର ଥାନାରେ ୪୬/୨୦୦୨ ରେ ୩୦ରୁ ଉର୍ଦ୍ଧ୍ୱ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାର ରାୟ ପ୍ରକାଶ ପାଇଛି।

# ଜନସମ୍ପର୍କ ଯାତ୍ରା



ଆସିକା, ୧୯।୩ (ସୁରେନ୍ଦ୍ର ନାଥ ସାହୁ):

ଆସିକା ବିଧାନସଭା ନିର୍ବାଚନ ମଣ୍ଡଳିର ହରିଡାପଦର ପଞ୍ଚାୟତ ଅନ୍ତର୍ଗତ ମଞ୍ଜାପଡା ଗ୍ରାମରେ ମଙ୍ଗଳବାର ବିଜେଡି ପକ୍ଷରୁ ଜନସମ୍ପର୍କ ଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ନେତୃତ୍ୱରେ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବ୍ଲକ ବିଜେଡି ସଭାପତି ରାଜେଶ ପଟ୍ଟନାୟକ, ହରିଡାପଦର ପଞ୍ଚାୟତ ସରପଞ୍ଚ ଜୟନ୍ତୀ ବେହେରା, ସମିତିସଭ୍ୟ ତ୍ରିନାଥ ବେହେରା, ଗ୍ରାମ୍ୟ କମିଟି ସଭାପତି ଗଜପତି ନାହାକଙ୍କ ସମେତ ବହୁ ଦଳିୟ କର୍ମୀ ସାମିଲ ଥିଲେ। ଏତଦ ଅବସରରେ ରାଜ୍ୟର ବିଜେଡି ସରକାରର ଜନସାଧାରଣଙ୍କ ଲାଗି ନିଆଯାଇଥିବା ବିଭିନ୍ନ ଜନହିତକର କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଥିଲା। ଗ୍ରାମରେ ଶଙ୍ଖ ଷ୍ଟିକର ଘରେ ଘରେ ଲଗାଯାଇଥିଲା।

# ୯ ଜଣଙ୍କୁ ଗୁଡ୍ ସମ୍‌ରିଟାନ୍‌ରେ ସମ୍ମାନିତକଲେ ଏସ୍‌ପି

**ଦୁର୍ଘଟଣାରେ ଆହତଙ୍କୁ ହସ୍ପିଟାଲ ପଠାଇଥିଲେ**

ଛତ୍ରପୁର, ୧୯।୩ (ସନ୍ତୋଷ ପାଢୀ/ଦିଲୀପ ସାମଲ):

ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତିମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲ ପଠାଇଥିବା ନେଇ ଭୂମିକା ଗ୍ରହଣ କରିଥିବା ବ୍ୟକ୍ତିଙ୍କୁ ପ୍ରଶାସନ ପକ୍ଷରୁ ଗୁଡ୍ ସ୍ମାରିଟାନ୍ ଭାବେ ସମ୍ମାନିତ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ୯ ଜଣ ବ୍ୟକ୍ତି ବିଶେଷଙ୍କୁ ଗୁଡ୍ ସମ୍‌ରିଟାନ୍ ଭାବେ ମଙ୍ଗଳବାର ଗଞ୍ଜାମ ଏସ୍‌ପି ଜଗମୋହନ ମୀନା ସମ୍ମାନିତ କରିଛନ୍ତି । ସେମାନେ ହେଲେ କୋଟିନଡା ଥାନା ଅଧିନ କେ.ଲଛମଣପଲ୍ଲୀ ଗାଁର ଟୁଲୁ ନାୟକ ଓ ଶଙ୍କର ନାହାକ, ଗାଙ୍ଗପୁର ଥାନା ଅଧିନ ଗୋବରା ଗାଁର ସଚ୍ଚିଦାନନ୍ଦ ପାତ୍ର ଓ ଶିବ ଶଙ୍କର ଗୌଡ, ତାରିସିଂ ଥାନା ଅଧିନ ଭାଗୋଡା ଗାଁର ନାୟନୀ ମଲିକ ଓ କୁନ୍ତଳା ଜାନି, ବୁଗୁଡା ଥାନା ଅଧିନ ଆଦିପୁର ଗାଁର କେଶବ ସ୍ୱାଇଁ , କୋଦଳା ଥାନା ଅଧିନ କଞ୍ଚଣା ଗାଁର ସନ୍ତୋଷ କୁମାର ଘୋଷ ଏବଂ କବିସୂର୍ଯ୍ୟନଗର ଥାନା ଅଧିନ ପଥରା ଗାଁର ଶ୍ରୀକାନ୍ତ ପାତ୍ର ରହିଛନ୍ତି। ସମ୍ମାନିତ ବ୍ୟକ୍ତିଙ୍କ ମଧ୍ୟରେ ୨ ଜଣ ମହିଳା ରହିଛନ୍ତି। ଏମାନଙ୍କ ମଧ୍ୟରେ ନାୟନୀଙ୍କ ବୟସ ୫୦ ବର୍ଷ ହୋଇଥିବା ବେଳେ ଆଉ ଜଣେ କୁନ୍ତଳାଙ୍କ ବୟସ ୫୫ ବର୍ଷ ରହିଛି। ଏଥିସହ ଗୁଡ୍ ସ୍ମାରିଟାନ୍‌ରେ ସମ୍ମାନିତ ହୋଇଥିବା ସନ୍ତୋଷ ୩ ଥର ଦୁର୍ଘଟଣାରେ ଆହତଙ୍କୁ ହସ୍ପିଟାଲଙ୍କୁ ପଠାଇଥିଲେ। ଏନେଇ ଗଞ୍ଜାମ ଏସପି ସମସ୍ତଙ୍କୁ ପ୍ରଂଶସା କରିଛନ୍ତି।



# ବାବା ମୁକ୍ତେଶ୍ୱର ମହାଦେବଙ୍କ ନୂତନ ପ୍ରାସାଦ ପ୍ରତିଷ୍ଠା ଉତ୍ସବ

ଗଞ୍ଜାମ, ୧୯।୩(ବିଦ୍ୟାଧର ସାହୁ):

ଗଞ୍ଜାମ ବ୍ଲକ ଅନ୍ତର୍ଗତ ଶତ୍ରୁସୋଲ ଗ୍ରାମରେ ବାବା ମୁକ୍ତେଶ୍ୱର ମହାଦେବଙ୍କ ନୂତନ ପ୍ରାସାଦ, ହନୁମାନ ମନ୍ଦିର ଓ ଶନିଶ୍ଚର ଦେବଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ମହାଆଡମ୍ବର ସହକାରେ ଅନୁଷ୍ଠିତ ହେଉଛି। ଘୃତଯଜ୍ଞ, ୪୮ ପ୍ରହର ନାମଯଜ୍ଞ, ଜ୍ଞାନଯଜ୍ଞ, ଦୀପଯଜ୍ଞ ଓ ଅନ୍ନଯଜ୍ଞ ଅନୁଷ୍ଠିତ ହେଉଛି। ସମ୍ପୂର୍ଣ୍ଣ ବୈଦିକ ରୀତିରେ ପଣ୍ଡିତ ଅଶୋକ କୁମାର ଶତପଥୀ, ପଣ୍ଡିତ ଦିବାକାର ତ୍ରିପାଠୀ ଓ ମହନ୍ତ ଶ୍ରୀ ରାଧା ବିନୋଦ ଦାଶ ଗୋସ୍ୱାମୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହେଉଛି। ଆସନ୍ତା ୨୧ ତାରିଖରେ ଯଜ୍ଞ ସମାପନ ହେବାନେଇ ଜଣାପଡ଼ିଛି। ଉକ୍ତ ଆଧ୍ୟାତ୍ମିକ ଦେବକାର୍ଯ୍ୟରେ ପ୍ରବଳ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଥିବା ଲକ୍ଷ୍ୟ କରାଯାଇଛି।

# ଖୋଲାଯାଇଛି ତାରାତାରିଣୀଙ୍କ ମନ୍ଦିର ହୁଣ୍ଡି

**ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ**

ଛତ୍ରପୁର, ୧୯।୩(ସନ୍ତୋଷ ପାଢୀ):

ଗଞ୍ଜାମ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀ ମନ୍ଦିର ହୁଣ୍ଡି ଖୋଲାଯିବା ନେଇ ବିବାଦ ଦେଖାଦେଇଛି। ମନ୍ଦିର ପରିଚାଳନା ଟ୍ରଷ୍ଟ ବୋର୍ଡ କିମ୍ବା ସ୍ଥାନୀୟ ତହସିଲଦାର ତଥା ସ୍ଥାନୀୟ ମାଜିଷ୍ଟ୍ରେଟଙ୍କୁ କୌଣସି ସୂଚନା ନ ଦେଇ ଏହା ଖୋଲାଯାଇଥିଲା। ଏହା ଏକପ୍ରକାର ଆଇନ ଉଲ୍ଲଂଘନ କରାଯାଇଥିବା ଜଣାପଡିଛି। ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟ ବିଧି ବିଭାଗର ଅନୁଶାସନ ସଚିବ ରାଜକିଶୋର ରାଉତ ୧୫ ତାରିଖରେ ଏକ ଚିଠି ନଂ-୩୮୦୨ରେ ଓଡ଼ିଶା ଦେବୋତ୍ତର ଆୟୁକ୍ତଙ୍କୁ ଲେଖିଛନ୍ତି। ଏଥିସହ ଏହାର ବିସ୍ତୃତ ବିବରଣୀ ବିଭାଗକୁ ପଠାଇବାକୁ ଅବଗତ କରିବାକୁ ଅନୁରୋଧ କରାଯାଇଛି । ଏ ସମ୍ପର୍କରେ ଗଞ୍ଜାମ ଜିଲାପାଳଙ୍କୁ ଏକ ଚିଠି ଅବଗତ ନିମନ୍ତେ ଆସିଥିବା ଜଣାପଡିଛି। ସୂଚନା ଅନୁସାରେ ପୂର୍ଣ୍ଣଗିରି ପାହାଡ଼ ଉପରେ ବିରାଜିତା ମା' ତାରାତାରିଣୀଙ୍କ ହୁଣ୍ଡି ନିକଟ ଅତୀତରେ ଖୋଲାଯାଇଥିବା ପ୍ରଶାସନ ଜାଣିବାକୁ ପାଇଥିଲେ । ଏହାପରେ ଛତ୍ରପୁର ଉପଜିଲାପାଳ ଦେବଦତ ମାହାନ୍ତଙ୍କ ପକ୍ଷରୁ ମନ୍ଦିର ହୁଣ୍ଡି ଖୋଲାଯିବା ସମ୍ପର୍କରେ ୪ ତାରିଖରେ ଏକ ନିର୍ଦ୍ଦେଶନାମା ଚିଠି ନଂ-୨୨୫୧ ଜାରି କରିଥିଲେ। ଏଥିସହ ଏ ସମ୍ପର୍କରେ ଜିଲାପାଳ, ପୁରୁଷୋତମପୁର ତହସିଲଦାର ଓ ପୁରୁଷୋତମପୁର ଥାନାଧିକାରୀଙ୍କୁ ଅବଗତ ନିମନ୍ତେ ପତ୍ର ପ୍ରେରଣ କରିଥିଲେ । ଉକ୍ତ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି ଯେ ମା ତାରାତାରିଣୀଙ୍କ ମନ୍ଦିର ହୁଣ୍ଡି ଖୋଲାଯିବା ନେଇ ସ୍ଥାନୀୟ ତହସିଲଦାର ତଥା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କୁ କୌଣସି ସୂଚନା ଦିଆଯାଇନାହିଁ। ସେହିପରି ମନ୍ଦିର ପରିଚାଳନା ଟ୍ରଷ୍ଟ ବୋର୍ଡଙ୍କୁ ମଧ୍ୟ ଅବଗତ କରାଯାଇ ନଥିବା ଅନୁସନ୍ଧାନରୁ ଜଣାପଡିଛି। ସୂଚନା ନଦେଇ କେହି ମା'ଙ୍କ ହୁଣ୍ଡି ଖୋଲିପାରିବେ ନାହିଁ। ଏହାପରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳଙ୍କ ପକ୍ଷରୁ ରାଜ୍ୟ ଆଇନ୍ ବିଭାଗର ଅତିରିକ୍ତ ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ୯ ତାରିଖରେ ଚିଠି ନଂ-୭୦୧ କରିଥିଲେ।

# ହତ୍ୟା ଉଦ୍ୟମ ମାମଲା, ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି, ୧୯।୩(ଅଶେଷନାଥ ମିଶ୍ର):

ଗଞ୍ଜାମ ଜିଲା କେ.ନୂଆଗାଁ ଥାନା ଅନ୍ତର୍ଗତ ବ୍ରାହ୍ମଣ ନୂଆପଡା ଗ୍ରାମରେ ହତ୍ୟା ଉଦ୍ୟମ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଏ .ବସନ୍ତ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବସନ୍ତ ଗତ ରବିବାର ସନ୍ଧ୍ୟାରେ ସେହି ଗ୍ରାମର ବି. ମଙ୍ଗଳାଙ୍କୁ ଏକ ଲୁହା ବଳା ସାହାଯ୍ୟରେ ଆକ୍ରମଣ କରିଥିଲେ। ଏଥିରେ ମଙ୍ଗଳାଙ୍କ ମୁଣ୍ଡ ଓ ମୁହଁ ଫାଟି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ମଙ୍ଗଳାଙ୍କୁ ପ୍ରଥମେ ନୂଆପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ମଙ୍ଗଳାଙ୍କ ପୁଅ ବି.କରୁଣୁଲୁଙ୍କ ଏତଲା ଭିତ୍ତିରେ ପୋଲିସ ଥାନା ମାମଲା ନଂ. ୯୨/୨୪ ପ୍ରକାରେ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ବସନ୍ତକୁ ଗିରଫ କରାଯାଇ ମଙ୍ଗଳବାର ଦିଗପହଣ୍ଡି କୋର୍ଟ ଚାଲାଣ କରାଯିବା ପରେ ଜାମିନ ଖାରଜ ହେବାରୁ ତାଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି।

# ଦୀପକ ମିଶ୍ର ଦିଗପହଣ୍ଡି ନଗର କଂଗ୍ରେସ ସଭାପତି ମନୋନୀତ

ଦିଗପହଣ୍ଡି, ୧୯।୩(ଅଶେଷ ନାଥ ମିଶ୍ର):

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଅନୁମୋଦନ କ୍ରମେ ଦିଗପହଣ୍ଡି ଏନ୍‌ଏସି ନଗର ସଭାପତି ଭାବେ ଯୁବନେତା ତଥା କାଉନସିଲର ଦୀପକ କୁମାର ମିଶ୍ରଙ୍କୁ ପୁନର୍ବାର ଚୟନ କରାଯାଇଥିବା ଜଣାପଡିଛି। ଜଣେ ଦକ୍ଷ ଯୁବ ସଂଗଠକ ଭାବରେ ଜଣାଶୁଣା ଦୀପକଙ୍କୁ ଏହି ପଦବୀ ମିଳିବା ପରେ କଂଗ୍ରେସ ମହଲରେ ଉତ୍ସାହ ପ୍ରକାଶ ପାଇଛି। ସଭାପତି ଭାବେ ପୁନଃ ଚୟନ ପରେ ଦୀପକ ପିସିସି ସଭାପତି ଶରତ ପଟ୍ଟନାୟକ, ଗଞ୍ଜାମ ପୂର୍ବଖଣ୍ଡ ଜିଲା ସଭାପତି ଦୀପକ ପଟ୍ଟନାୟକ, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କୁ ତାଙ୍କର କୃତଜ୍ଞତା ଜଣାଇଛନ୍ତି। ଏନ୍‌ଏସି ନଗରପାଳ ପ୍ରଫୁଲ ପଣ୍ଡା, ଆଇନଜୀବୀ ରସାନନ୍ଦ ରାଉତ, ବରିଷ୍ଠ ନେତା ଏ.କେଶବ ରାଓ, ଚାଷୀନେତା ଏମ୍. ବାଇନାଥ, ମହିଳା ନେତ୍ରୀ ବନଜା ପଣ୍ଡା, ଯୁବନେତା ବିକାଶ ପଶୁପାଳକ ପ୍ରମୁଖ ଦୀପକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଏଲାମ୍ମା ମନ୍ଦିରରେ ଝାମିଯାତ୍ରା ଉଦ୍‌ଯାପିତ

# ନିଆଁରେ ଚାଲିଲେ ଶତାଧିକ ଭକ୍ତ

**ଗଞ୍ଜାମ, ୧୯।୩(ବିଦ୍ୟାଧର ସାହୁ):**

ଗଞ୍ଜାମ ସହରରେ ରହିଥିବା ଏଲାମ୍ମା ମନ୍ଦିରରେ ଝାମି ଯାତ୍ରା ତଥା ଫଗୁଣ ନବମୀ ଯାତ୍ରା ଉଦଯାପିତ ହୋଇଛି। ଏହି ଅବସରରେ ସୋମବାର ଅପରାହ୍ନରେ ମୁଖ୍ୟ ପୂଜକ ପ୍ରମୋଦ କୁମାର ଜେନା ଉହଡହ ନିଆଁରେ ଚାଲିବା ପରେ ମାନସିକଧାରୀ ଶ୍ରଦ୍ଧାଳୁମାନେ ନିଆଁରେ ଚାଲିଥିବା ଦେଖିବାକୁ ମିଳିଥିଲା। ଦିନତମାମ ଶ୍ରଦ୍ଧାଳୁମାନଙ୍କର ଭିଡ଼ ଜମିଥିବା ଲକ୍ଷ୍ୟ କରାଯାଇଥିଲା। ବିଶେଷକରି ତେଲୁଗୁ ସମ୍ପ୍ରଦାୟର ମହିଳା ଓ ପୁରୁଷ ମା'ଙ୍କ ଦର୍ଶନ କରିଥିଲେ। ମନ୍ଦିର ପ୍ରାଙ୍ଗଣରେ ରୋଷେଇ କରି ମା'ଙ୍କୁ ସମର୍ପଣ କରାଯାଇଥିଲା। ମା'ଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଳୁମାନେ ଦୀପଦାନ କରିଥିଲେ। ମନ୍ଦିରରେ ମା'ଙ୍କୁ ପରମ୍ପାରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହ ପାରମ୍ପରିକ ବାଦ୍ୟବାଜଣା ସହ ପୂଜକ ଓ ଶ୍ରଦ୍ଧାଳୁଙ୍କ ନୃତ୍ୟ ପ୍ରଦର୍ଶନ ସ୍ଥାନୀୟ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ମୁଖ୍ୟ ପୂଜକ ଧରୁଆ ଅସ୍ତ୍ରରେ ନିଜ ଶରୀରକୁ ଆଘାତ କରିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ମୁଖ୍ୟ ପୂଜକଙ୍କ ସହ ହର ପ୍ରସାଦ ଜେନା, ପ୍ରଫୁଲ୍ଲ କୁମାର ଜେନା, ତ୍ରିନାଥ ଜେନା ପ୍ରମୁଖଙ୍କ ସହ ଗଞ୍ଜାମ ସହରରେ ଜେନା ପରିବାର ପକ୍ଷରୁ ଝାମିଯାତ୍ରା ସୁଅପରିଚାଳନା କରାଯାଇଥିଲା। ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ଗଞ୍ଜାମ ଥାନା ପକ୍ଷରୁ ପୋଲିସ ମୃତୟନ କରାଯାଇଥିଲା।



ନିଆଁରେ ଚାଲୁଛନ୍ତି ଭକ୍ତ

# ମୁଣ୍ଡାମା, କାର୍ଯ୍ୟସାହି ଗାଁରେ ବିକାଶ ଅପହଞ୍ଚ

ଆର,ଉଦୟଗିରି, ୧୯।୩(ମନୋଜ କୁମାର ପାଢୀ)

ରାଜ୍ୟ ସରକାର ବିକାଶର ବାର୍ତ୍ତା ପ୍ରଚାରପ୍ରସାର କରୁଥିଲେ ମଧ୍ୟ ଏପରି ଅନେକ ଗାଁ ରହିଛି ଯେଉଁଠି ଲୋକେ ବିକାଶ କ'ଣ ଜାଣିନାହାନ୍ତି। ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଡାବରାଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡାମା ଓ କାର୍ଯ୍ୟସାହି ଗାଁ ଏହାର ଜ୍ୱଳନ୍ତ ଉଦାହରଣ। ଏହି ଦୁଇ ଗାଁରେ ବିକାଶ ପହଞ୍ଚିପାରୁନି । ଗାଁକୁ ରହିଛି ଅଙ୍କା ବଙ୍କା ପାଦଚଲା ମାଟି ରାସ୍ତା। ତାହା ବି ଖାଲ ଖମାରେ ଭର୍ତ୍ତି। ବର୍ଷା ଋତୁରେ ଏହି ରାସ୍ତା ଦେଇ ଯିବାବେଳେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ। ଏପରିକି ଅନେକ ସମୟରେ ଗର୍ଭବତୀଙ୍କୁ ସେମାନଙ୍କ ସମ୍ପର୍କୀୟ ଓ ଆମ୍ବୁଲାନ୍ସ କର୍ମଚାରୀ ଦୋଳାରେ ୫ରୁ ୬ କିମି ବୋହି ଡୁଙ୍ଗୁରୁ ଗ୍ରାମକୁ ନେଇଥାନ୍ତି। ସେଠାରୁ ଆମ୍ବୁଲାନ୍ସରେ ନିଆଯାଏ। ସରକାରୀ ଆବାସଟିଏ ପାଇବା ମଧ୍ୟ ଏହି ଗ୍ରାମର ଆଦିବାସୀ ପରିବାରଗୁଡିକ ପାଇଁ ସାତ ସପନ । ବିପଦ ସଙ୍କୁଳ ଅବସ୍ଥାରେ ବର୍ଷ ତମାମ ଟିଣ ଛପର ଘରେ ଉପରେ କାଠଗଣ୍ଡି ରଖି ଜୀବନଯାପାନ କରିଥାନ୍ତି । ଗ୍ରାମର ଅନେକ ଲୋକ ରାଶନ କାର୍ଡରୁ ବଞ୍ଚିତ ଅଛନ୍ତି । ପାନୀୟ ଜଳ ସମସ୍ୟା କଥା ନ କହିବା ଭଲ। ଗୋଟିଏ ସ୍ଥାନରେ ଗାଧୁଆ ଓ ଲୁଗାପଟା ସଫାସଫି । ସେଠାରୁ ହିଁ ପିଇବା ଓ ଓ ରୋଷେଇ ପାଇଁ ମହିଳାମାନେ ପାଣି ନିଅନ୍ତି । ଗ୍ରାମବାସୀଙ୍କ ଏସବୁ ସମସ୍ୟା ଶୁଣି ବ୍ଲକର ଜିପିଇଓ ତଥା ପଞ୍ଚାୟତର ପିଇଓ ଶଶାଙ୍କ ଶେଖର ସୁବୁଦ୍ଧିଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଗ୍ରାମରେ ଅଧିକ ରାଶନ କାର୍ଡ ଦିଆଯାଇଛି । ଦୁଇଟି ନଳକୂପ କରାଯାଉଛି। ଅଧିକାଂଶ ପରିବାରକୁ ବ୍ଲକ ତରଫରୁ ଗୃହ ଯୋଗାଯାଇଛି ବୋଲି କହିଛନ୍ତି। ଗ୍ରାମକୁ କେବଳ ପକ୍କା ରାସ୍ତା ଦରକାର ଅଛି ବୋଲି କହିଥିଲେ ।

# ରାସ୍ତା ଉପରେ ମୃତ୍ୟୁର କୂଅ

**ନିମ୍ନମାନର ରାସ୍ତା କାମ ଯୋଗୁ ଜନ ଅସନ୍ତୋଷ**



ରାସ୍ତା ଉପରେ ମୃତ୍ୟୁର କୂଅ ।

ବୁଗୁଡ଼ା, ୧୯।୩(କାଳିଚରଣ ଦାଶ):

ରାସ୍ତା ଉପରେ ମୃତ୍ୟୁର କୂଅ। ଠିକାଦାରଙ୍କ ବେପରୁଆ ରାସ୍ତା କାମ ଯାତ୍ରୀଙ୍କ ଜୀବନ ପ୍ରତି ସୃଷ୍ଟି କରିଛି ବିପଦ। ଏମିତି ଦୃଶ୍ୟ ଦେଖିବାକୁ ମିଳିଛି ବୁଗୁଡ଼ା-ନୟାଗଡ ରାଜ୍ୟ ରାଜପଥର କରସିଙ୍ଗି ଛକରେ। ଏହି ଛକରେ ସିମେଣ୍ଟ କଂକ୍ରିଟ୍ ରାସ୍ତା ନିର୍ମାଣ ଚାଲିଛି ହେଲେ ରାସ୍ତା ପାର୍ଶ୍ୱର ପାଣି ନିଷ୍କାସନ ପାଇଁ ହ୍ୟୁମ୍ ପାଇପ ପକାଯାଇ ସିମେଣ୍ଟ କଂକ୍ରିଟ୍ ଲେଇ କରାଯାଇଛି। ତେବେ ହ୍ୟୁମ୍ ପାଇପ ଫାଙ୍କରେ କଂକ୍ରିଟ୍ ପରିବର୍ତ୍ତେ ବାଲି ଅଖା ରଖିଦେଇ ତାହା ଉପରେ ସିମେଣ୍ଟ କଂକ୍ରିଟ୍ ଢ଼ଳେଇ କରାଯାଇଥିଲା। ଏବେ ତା' ଉପରେ ଗାଡିମଟର ଯିବା ଫଳରେ ସେହି ସ୍ଥାନ ଦବି ଯାଇଥିବା ବେଳେ ସେହି ପାର୍ଶ୍ୱରେ ଏକ ଗର୍ତ୍ତ ସୃଷ୍ଟି ହୋଇଛି। ଗ୍ରାମବାସୀ ପାଟିତୁଣ୍ଡ କରିବା ପରେ ଉକ୍ତ ଗର୍ତ୍ତ ନିକଟରେ ଏବେ ସୂଚନା ବୋର୍ଡ ରଖାଯାଇଛି। କେବଳ ସେହି ସ୍ଥାନ ନୁହେଁ ବାଲିପଦର ଠାରୁ କରସିଂ ପର୍ଯ୍ୟନ୍ତ ଅନେକ ସ୍ଥାନରେ ଏପରି ଅବସ୍ଥା ଦେଖିବାକୁ ମିଳୁଛି। ବୁଗୁଡ଼ା ବ୍ଲକର କରସିଙ୍ଗି ଠାରୁ ବାଲିପଦର ପର୍ଯ୍ୟନ୍ତ ରାସ୍ତାର ଉନ୍ନତି କରଣ ପାଇଁ ସରକାର ୪୨ କୋଟି ଟଙ୍କା ମଞ୍ଜୁର କରିଥିବା ବେଳେ ଏହାର ନିର୍ମାଣ କାର୍ଯ୍ୟ କପିଳାସ ଇନଫ୍ରାସୋଲ ପ୍ରୋଜେକ୍ଟ ନାମକ ଏକ ଘରୋଇ ସଂସ୍ଥା ନେଇଛି। ତେବେ ଏହି ଘରୋଇ ସଂସ୍ଥା ସରକାରଙ୍କ ନିୟମକୁ ଫୁ କରି ନିମ୍ନମାନର କାର୍ଯ୍ୟ କରୁଥିବାରୁ କେଉଁଠି ସିମେଣ୍ଟ ଛାଡି ଗୁଡ଼ି ଉଠିଗଲାଣି ତ ଆଉ କେଉଁଠି ପିଚୁ ମଧ୍ୟ ଉଠିଗଲାଣି। ଅଦିନିଆ ବର୍ଷାରେ ରାସ୍ତା ଦବି ଆଣ୍ଠୁଏ ଖାଲ ହୋଇଗଲାଣି। ଏହି ରାସ୍ତାରେ ପ୍ରତିଦିନ ଶହ ଶହ ଗାଡ଼ିମାଟର ଯାତାୟତ କରୁଥିବା ବେଳେ ରାସ୍ତାର ଏଭଳି ଶୋଚନୀୟ ଅବସ୍ଥା ଯୋଗୁଁ ଯାନବାହାନ ଚଳାଚଳରେ ବାଧା ସୃଷ୍ଟି ସାଙ୍ଗକୁ ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣାମାନ ଘଟି ଧନ ଜୀବନ ନଷ୍ଟ ହେଉଛି। ଏ ନେଇ ବାରମ୍ବାର ପ୍ରତିବାଦ କଲେ ମଧ୍ୟ ଏଥିପ୍ରତି କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ ହେଉଛି। ଅନୁଦାନ ଅର୍ଥକୁ ହରିଲୁଟ କରୁଛି ଠିକାଦାର। ବିଭାଗୀୟ ଅଧିକାରୀ ମଧ୍ୟ ଏଥିପ୍ରତି ଦୃଷ୍ଟି ଦେଉନଥିବାରୁ ସାଧାରଣରେ ଜନଅସନ୍ତୋଷ ଦେଖାଦେଇଛି। ଯଦିଓ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେଇ କାର୍ଯ୍ୟର ତଦାରଖ କରନ୍ତେ ତେବେ ରାସ୍ତାର ଉପଯୁକ୍ତ ଭାବେ କାର୍ଯ୍ୟ ହେବା ସହିତ ଜନସାଧାରଣଙ୍କ ଗମନାଗମନ ସହଜ ହୋଇପାରନ୍ତା ବୋଲି ଗ୍ରାମବାସୀ ମତ ଦେଇଛନ୍ତି।

# ପ୍ରକଳ୍ପ ଅଛି, ଲୋକଙ୍କୁ ମିଳୁନି ପିଇବା ପାଣି

**ଗ୍ରାମବାସୀଙ୍କ ଭୋଟ ବର୍ଜନ ଚେତାବନୀ**

ବେଲଗୁଣ୍ଠା, ୧୯।୩(କୃଷ୍ଣଚନ୍ଦ୍ର ପଟ୍ଟନାୟକ):

ବର୍ଷ ବର୍ଷ ଗୁହାରୀ ପରେ ଗ୍ରାମରେ ନିର୍ମାଣ ହେଲା ଜଳ ଯୋଗାଣ ପ୍ରକଳ୍ପ। କିନ୍ତୁ ଉଦଘାଟନର କିଛି ଦିନ ପରେ ଯଥା ପୂର୍ବଂ ତଥା ପରଂ ଅବସ୍ଥା। ଜଳଯୋଗାଣ ପ୍ରକଳ୍ପ ଥାଇ ବି ଲୋକେ ପିଇବା ପାଣି ମୁନ୍ଦାଏ ପାଇପାରୁନାହାନ୍ତି। ପାଣି ଟାଙ୍କି ଥାଇ ବି ପାଣି ଆସୁନି। ପାଣି ପାଇଁ ଡହଳ ବିକଳ ହେଉଛନ୍ତି ଲୋକେ। ବାଧ୍ୟ ହୋଇ ଗାଁ ପୋଖରୀର ଦୂଷିତ ଜଳକୁ ପାନୀୟ ଜଳ ରୂପେ ବ୍ୟବହାର କରୁଛନ୍ତି ଗ୍ରାମବାସୀ। ଏହି ପାନୀୟ ଜଳ ସମସ୍ୟା ତୁରନ୍ତ ସମାଧାନ ନହେଲେ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ୍ ବର୍ଜନର ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ଏହିଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ବେଲଗୁଣ୍ଠା ବ୍ଲକ ତନରଡ଼ା ପଞ୍ଚାୟତର ବାଣତୁମ୍ବ ଗ୍ରାମରେ।

ଗାଆଁ ମୁହଁରେ ଛିଡା ହୋଇଛି ବିରାଟ ପାଣି ଟାଙ୍କି। ପ୍ରତି ଘରକୁ ସଂଯୋଗ ହୋଇଛି ପାଇପ। ହେଲେ ପାଇପରେ ପାଣି ଆସୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମର ମହିଳାମାନେ ପ୍ରତିଦିନ ମାଠିଆ ଧରି ଗାଁ ପୋଖରୀରୁ ପିଇବା ପାଣି ସଂଗ୍ରହ କରୁଛନ୍ତି। ସରକାରଙ୍କ ବସୁଧା ଯୋଜନାରେ ଗାଁରେ ନିର୍ମାଣ ହୋଇଛି ଜଳ ଯୋଗାଣ ପ୍ରକଳ୍ପ। ଗତ ୬ ମାସ ହେଲା ପ୍ରକଳ୍ପ କାର୍ଯ୍ୟ ସରିଲାଣି। ଗାଁକୁ କିଛିଦିନ ଧରି ଟ୍ରାଏଲ ଭାବେ ପାଣି ଆସିଲା କିନ୍ତୁ ଏବେ ଆଉ ଟ୍ୟାପରେ ପାଣି ଆସୁନି। ୧ କୋଟି ୮୧ ଲକ୍ଷ ଟଙ୍କାରେ ନିର୍ମିତ ହୋଇଥିବା ଏହି ପ୍ରକଳ୍ପ ଗତ ପ୍ରାୟ ୨୦ ଦିନ ପୂର୍ବେ ଉଦଘାଟନ ପରେ କାମରେ ଆସୁନି ଜଳ ଯୋଗାଣ ପ୍ରକଳ୍ପ। ଟାଙ୍କି କାମ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଥିଲେ ବି ଏହାକୁ ତଦନ୍ତ ପରିସରକୁ ନିଆଗଲାନି। ଏହି ଗାଁରେ ବାସ କରୁଥିବା ଦୁଇଶହରୁ ଅଧିକ ପରିବାରଙ୍କୁ ଏବେ ଘାରିଛି ଜଳ ଚିନ୍ତା। ଆଗକୁ ଗ୍ରୀଷ୍ମ ଋତୁରେ ଅସହ୍ୟ ତାତି ସମୟରେ ପାଣି ଟିକିଏ ମିଳିବ ନାହିଁ। ଗାଁ ରେ ଥିବା କୂଅ ଓ ନଳକୂଅର ଜଳ ପାନୀୟ ଉପଯୋଗୀ ହୋଇନଥିବାରୁ ଏଥିରେ ରୋଷେଇ ହେଉନଥିବା ଜଣାପଡିଛି। ଆଉ ସୋଲାରରେ ଯେଉଁ ଜଳ ବ୍ୟବସ୍ଥା ହୋଇଛି ତାହା ଆବଶ୍ୟକତା ପୂରଣ କରିପାରୁନାହିଁ। ବାଧ୍ୟହୋଇ ଲୋକମାନେ ଗାଁ ପୋଖରୀର ଜଳକୁ ଛାଣି ବ୍ୟବହାର କରୁଛନ୍ତି। ଏହି ପାଣି ପିଇ ଅନେକ ସମୟରେ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି। ଜଳ ଯୋଗାଣ ସମସ୍ୟାର ଶୀଘ୍ର ସମାଧାନ ନକଲେ ଆସୁଥିବା ନିର୍ବାଚନରେ ଗ୍ରାମବାସୀଙ୍କ ପକ୍ଷରୁ ଏହାର ସଠିକ ଜବାବ ଦିଆଯିବ ବୋଲି କହିଛନ୍ତି ଗ୍ରାମର ମହିଳା ଏବଂ ପୁରୁଷ। ଆବଶ୍ୟକ ପଡ଼ିଲେ ନିର୍ବାଚନରେ ଭୋଟ୍ ବର୍ଜନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ଗାଁ ପୋଖରୀରୁ ପିଇବା ପାଣି ସଂଗ୍ରହ କରୁଛନ୍ତି ମହିଳା ।

## ସଂକ୍ଷେପରେ

### ପ୍ରଦୀପ ରାଜ୍ୟ ସମବାୟ ୟୁନିୟନର ସରକାରୀ ମନୋନୀତ ନିର୍ଦ୍ଦେଶକ



ବ୍ରହ୍ମପୁର,୧୯।୩(ନରସିଂହ ସାହୁ)ରାଜ୍ୟ ସମବାୟ ୟୁନିୟନର ସରକାରୀ ମନୋନୀତ ନିର୍ଦ୍ଦେଶକ ହୋଇଛନ୍ତି ପ୍ରଦୀପ ପାଣିଗ୍ରାହୀ। ଏହି ମର୍ମରେ ସମବାୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପାଣିଗ୍ରାହୀ ବ୍ରହ୍ମପୁର ସମବାୟ କେନ୍ଦ୍ର (ବିସିସି) ବ୍ୟାଙ୍କରେ ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ। ସମବାୟ ପ୍ରଶାସନ ସମ୍ପର୍କରେ ତାଙ୍କର ଦୀର୍ଘ ଅଭିଜ୍ଞତା ରହିଛି। ଏହି ନିଯୁକ୍ତି ପାଇ ପ୍ରଦୀପ ସମବାୟ ମନ୍ତ୍ରୀ, ସଚିବ, ନିବନ୍ଧକ ଓ ରାଜ୍ୟ ସମବାୟ ୟୁନିୟନର ନିର୍ବାଚିତ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଅଶେଷ ଧନ୍ୟବାଦ ଜଣାଇଛନ୍ତି।

### ଭାଜପାର ବ୍ରହ୍ମପୁର ଜୋନ ମିଡିଆ ସେଣ୍ଟର ଗଠିତ

ବ୍ରହ୍ମପୁର,୧୯।୩(ନରସିଂହ ସାହୁ) ଭାଜପାର ବ୍ରହ୍ମପୁର ଜୋନ ମିଡିଆ ସେଣ୍ଟର ଗଠନ ହୋଇଛି। ଆଗାମୀ ସାଧାରଣ ନିର୍ବାଚନ ପାଇଁ ପାର୍ଟିର ପ୍ରଚାର ଓ ପ୍ରସାର ନିମନ୍ତେ ଏହା କରାଯାଇଛି। ବ୍ରହ୍ମପୁର, ଆସିକା ଓ କନ୍ଧମାଳ ସଂସଦୀୟ କ୍ଷେତ୍ର ଓ ଏହା ଅଧିନ ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀ ଏହି ମିଡିଆ ସେଣ୍ଟର ଅନ୍ତର୍ଭୁକ୍ତ। ସେଣ୍ଟର ଦାୟିତ୍ୱରେ ପୁରୁଖା ନେତା ସୁନୀଲ କୁମାର ସାହୁଙ୍କୁ ଅବସ୍ଥାପିତ କରାଯାଇଛି। ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ରାଜ୍ୟ ନିର୍ବାଚନ ମିଡିଆ ପରିଚାଳନା କମିଟି ଦାୟିତ୍ୱରେ ଥିବା ପ୍ରଭାରୀ ସଜ୍ଜନ ଶର୍ମା ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏହି ୩ ସଂସଦୀୟ କ୍ଷେତ୍ରର ମିଡିଆ ସଂଯୋଜକ ହୋଇଛନ୍ତି ଅନୀଲ ବିଶ୍ୱାଳ। ସୂଚନାଯୋଗ୍ୟ ସୁନୀଲ ଦଳର ଜିଲା ଉପସଭାପତି ସହ ମିଡିଆ ପ୍ରଭାରୀ ଭାବେ ଦାୟିତ୍ୱ ତୁଲାଇ ଦୀର୍ଘ ଅଭିଜ୍ଞତା ରହିଛି। ଏହି ନୂଆ ଦାୟିତ୍ୱ ପାଇଁ ସୁନୀଲ ରାଜ୍ୟ ସଭାପତିଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତା ଏବଂ ଗଞ୍ଜାମ ସାଙ୍ଗଠନିକ ଜିଲା ସଭାପତି ଡ଼ା. ସୁବାସ ସାହୁ, ପୂର୍ବତନ ସଭାପତି ବିଭୂତି ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି ଓ ସରୋଜ ସାବତ ଏବଂ ଅନ୍ୟମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ହେଲୋ ଡକ୍ଟର କ୍ଲିନିକ୍ ଉଦ୍‌ଘାଟିତ

ବ୍ରହ୍ମପୁର,୧୯।୩(ସୁବାସ ଚନ୍ଦ୍ର ପାଢ଼ୀ): ଗୋଇଲୁଣ୍ଡି ମେନ ରୋଡରେ ମଙ୍ଗଳବାର ହେଲୋ ଡକ୍ଟର କ୍ଲିନିକ ଉଦଘାଟିତ ହୋଇଛି। ଉଦଘାଟନୀରେ ଡା. କାହ୍ନୁ ପାତ୍ର, ଡା. ରାଜେନ୍ଦ୍ର କୁମାର, ଡା. ସୁଚିତ୍ରା ସାହୁ, ଡା. ମୈତ୍ରୀ ପରିଡା, ଡା. ସରୋଜ ମିଶ୍ର ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ବିକାଶ ଲକ୍ଷ୍ୟରେ ନୂତନ ଭାବେ ଏହି କ୍ଲିନିକ ଉଦଘାଟିତ ହୋଇଥିବାବେଳେ ବିଶେଷଜ୍ଞଙ୍କ ଦ୍ୱାରା ଚିକିତ୍ସା ସେବା ଯୋଗାଇ ଦିଆଯିବ ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ଗଣେଶ କୁମାର ନାୟକ ଓ ରାକେଶ ପଣ୍ଡା କହିଛନ୍ତି। ବିଶେଷ କରି ଘରକୁ ଘର ଯାଇ ରକ୍ତ ପରୀକ୍ଷା କରିବା, ଔଷଧ ବିତରଣ କରିବା ସହ ଘରେ ଯାଇ ଡାକ୍ତରମାନେ ଚିକିତ୍ସା କରିବା ବ୍ୟବସ୍ଥା ଏହି କ୍ଲିନିକ ଦ୍ୱାରା କରାଯାଉଛି। କ୍ଲିନିକରେ ସୁପର ସ୍ପେସିଆଲିଟି ଓପିଡି, ଫାର୍ମାସି, ପାଥୋଲୋଜି ଆଦି ବ୍ୟବସ୍ଥା ବି ରହିଛି। ସଞ୍ଜୟ କୁମାର ସ୍ୱାଇଁ, ସୁଶାନ୍ତ କୁମାର ଲେଙ୍କା, ଅଜୟ ପରିଡା, ଦିବ୍ୟ ପଟ୍ଟନାୟକ ଓ ହେଲୋ ଡକ୍ଟର ଟିମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଅପମିଶ୍ରିତ ମସଲା ଜବତ

ବ୍ରହ୍ମପୁର,୧୯।୩ (ସୁବାସ ଚନ୍ଦ୍ର ପାଢ଼ୀ)– ବଡ଼ବଜାର ଥାନା ଅନ୍ତର୍ଗତ ବ୍ରଜରାଜନଗର ୨ୟ ଲାଇନରେ ଥିବା ଏକ ଗୋଦାମରୁ ମଙ୍ଗଳବାର ନକଲି ମସଲା ଗୁଣ୍ଡ ଜବତ ହୋଇଛି। ଏହି କାରବାରରେ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି । ଦୀର୍ଘଦିନ ହେବ ଏହି ଘର ତଥା ଗୋଦାମରେ ନକଲି ମସଲା ପ୍ରସ୍ତୁତି ହେଉଥିବା ଖବର ମିଳିବା ପରେ ବଡବଜାର ଥାନା ପୋଲିସ ପକ୍ଷରୁ ଚଢାଉ କରାଯାଇଥିଲା। ସେଠାରୁ ବିଭିନ୍ନ ଲୋକାଲ କମ୍ପାନୀ ନାଁରେ ପ୍ରସ୍ତୁତ ହୋଇଥିବା ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ ଓ ମସଲା ଗୁଣ୍ଡ ମିଳିଥିଲା। ପୋଲିସ ଅପମିଶ୍ରିତ ମସଲା ଗୁଣ୍ଡ ସହ ପ୍ୟାକିଂ ମେସିନକୁ ଜବତ କରିଛି।

# ଡମ୍ପିଂୟାର୍ଡକୁ ନେଇ ଉତ୍ତେଜନା, ରାସ୍ତା ଅବରୋଧ

ବ୍ରହ୍ମପୁର,୧୯।୩(ସ୍ମୃତି ରଞ୍ଜନ ମହାଲିକ)

## ସଂପୃକ୍ତ ଏଜେନ୍ସି ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି



ଗ୍ରାମଦେବତୀ ସାହି ବାସିନ୍ଦା ଆନ୍ଦୋଳନକୁ ଓହ୍ଲାଇଛନ୍ତି।

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ୩ନଂ. ୱାର୍ଡ ଅନ୍ତର୍ଗତ ଗ୍ରାମଦେବତୀ ସାହିରେ ଥିବା ଡମ୍ପିଂୟାର୍ଡରୁ ଆବର୍ଜନା ଉଠୁ ନ ଥିବାରୁ ମଙ୍ଗଳବାର ଉତ୍ତେଜନା ଦେଖାଦେଇଛି। ଏହା ପ୍ରତିବାଦରେ ସ୍ଥାନୀୟ ବାସିନ୍ଦା ଆସ୍କା ରୋଡରେ ରାସ୍ତା ଅବରୋଧ କରିଥିଲେ। ବିଏମସି କମିଶନର ଭବାନୀ ପ୍ରସାଦ ମିଶ୍ର ଓ ଡେପୁଟି କମିଶନର ଆଶୀର୍ବାଦ ପରିଡା ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ସହ ଡମ୍ପିଂୟାର୍ଡ ଉଠାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।

ଗ୍ରାମଦେବତୀ ସାହି ବାସିନ୍ଦାଙ୍କ ଅଭିଯୋଗ ଯେ, ଡମ୍ପିଂୟାର୍ଡରେ ପ୍ରତିଦିନ ସଫେଇ କର୍ମଚାରୀମାନେ ଗାଡିରେ ଆବର୍ଜନା ଆଣି ଜମା କରୁଥିଲେ। ପରେ ଟ୍ରାକ୍ଟର ମାଧ୍ୟମରେ ସେଗୁଡିକୁ ଉଠାଯାଉଥିଲା। କିନ୍ତୁ ୪ ଦିନ ଧରି ଉକ୍ତ ସ୍ଥାନରୁ ଆବର୍ଜନା ନ ଉଠିବାରୁ ପରିବେଶ ଦୂଷିତ ହୋଇପଡିଥିଲା। ଏ ନେଇ ବାରମ୍ବାର ଲୋକ ପ୍ରତିନିଧିଙ୍କୁ ଅବଗତ କରାଗଲା। ଲୋକ ପ୍ରତିନିଧିଙ୍କ ପକ୍ଷରୁ ବିଏମସିକୁ ଏ ସମ୍ପର୍କରେ ଜଣାଇ ଦିଆଯାଇଥିଲେ ବି ସୁଫଳ ମିଳୁ ନ ଥିଲା। ତେଣୁ ରାସ୍ତାରୋକୋ କରିବାକୁ ବାଧ ହୋଇଥିଲୁ ବୋଲି କ ସାହି ବାସିନ୍ଦା କହିଛନ୍ତି। ଅନ୍ୟପଟେ ଉକ୍ତ ୱାର୍ଡର ପରିମଳ ଦାୟିତ୍ୱରେ ଥିବା ପ୍ରତ୍ୟୁଷ ଏଜେନ୍ସି ଠିକ ରୂପେ ଦାୟିତ୍ୱ ତୁଲାଉ ନ ଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ଉକ୍ତ ଏଜେନ୍ସି ବିରୋଧରେ ବିଏମସି ପକ୍ଷରୁ ୨ ଥର ଜରିମାନା ପଡିଥିବା ନିଗମ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ମହାନଗର ନିଗମ ପକ୍ଷରୁ ସହରର ପରିମଳ ଦାୟିତ୍ୱ ୩ ଘରୋଇ ଏଜେନ୍ସି ପ୍ରତ୍ୟୁଷ, ସଫେଇ ଅଭିଯାନ ଓ ପିଏମଆରକୁ ହସ୍ତାନ୍ତର କରାଯାଇଛି। ନୂତନ ଏଜେନ୍ସି ଜରିଆରେ ପରିମଳ କାର୍ଯ୍ୟ ପାଇଁ ବିଏମସି ବାର୍ଷିକ ୨୯.୪୨ କୋଟି ଟଙ୍କା ଖର୍ଚ୍ଚ କରୁଛି। ନିଗମର ୪୨ଟି ୱାର୍ଡକୁ ୫ ଜୋନରେ ବିଭକ୍ତ କରାଯାଇ ସଫେଇ ପାଇଁ ୩ ଏଜେନ୍ସିକୁ ବଣ୍ଟାଯାଇଛି। ସହରରେ ୟୁଜିବି ପଏଣ୍ଟ ସଂପୂର୍ଣ୍ଣ ଉଠାଯାଇଛି। ଘରୁ ଏବଂ ସଫେଇ କର୍ମଚାରୀଙ୍କ ନିକଟରୁ ଆବର୍ଜନା ସିଧାସଳଖ ଭାବେ ଆବର୍ଜନା ଗାଡି ମାଧ୍ୟମରେ ସଂଗ୍ରହ କରାଯାଇ ସହରରେ ରହିଥିବା ୫ ମୁଖ୍ୟ ଆବର୍ଜନା ପଏଣ୍ଟକୁ ଅଣାଯିବ। ସେଠାରୁ ଆବର୍ଜନା ଗୁଡିକୁ ସିଧାସଳଖ ମହୁଡା ପଠାଯିବା ନେଇ ନିଗମ ପକ୍ଷରୁ ସ୍ଥିର କରାଯାଇଥିଲା। କିନ୍ତୁ ଏଜେନ୍ସି ଗୁଡିକର ମନମୁଖୀ କାର୍ଯ୍ୟ ଯୋଗୁ ବର୍ତ୍ତମାନ ସହରର ପରିମଳ ସ୍ଥିତି ଉଜୁଡି ଯାଇଛି।

# ନାବାଳିକା ବଳାତ୍କାର ମାମଲା, ଦୋଷୀଙ୍କୁ ୨୦ ବର୍ଷ ଜେଲ

ବ୍ରହ୍ମପୁର,୧୯।୩(ସୁବାସ ଚନ୍ଦ୍ର ପାଢ଼ୀ)– ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅଞ୍ଚଳରେ ୨୦୧୯ରେ ଜଣେ ନାବାଳିକାଙ୍କୁ ଅପହରଣ କରି ବଳାତ୍କାର କରାଯାଇଥିଲା। ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ପ୍ରଭାତ କୁମାର ରାଜଗୁରୁ ମଙ୍ଗଳବାର ଏହି ମାମଲାର ଅଭିଯୁକ୍ତ କବିସୂର୍ଯ୍ୟନଗର ଥାନା ଅଞ୍ଚଳର ଉଦ୍ଧବ ନାହାକ(୩୨)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହିତ ୧୩ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୧ବର୍ଷ ୬ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

୨୦୧୯ ଅଗଷ୍ଟ ୧୫ ତାରିଖରେ ୮ ବର୍ଷୀୟା ନାବାଳିକାଙ୍କୁ ଉଦ୍ଧବ ଅପହରଣ କରି ଗାଁମୁଣ୍ଡ ବୁଦା ମୂଳେ ବଳାତ୍କାର କରିଥିଲେ। ନାବାଳିକାଙ୍କ ଚିତ୍କାର ଶୁଣି ପଥଚାରୀମାନେ ସେଠାରେ ପହଞ୍ଚିବାରୁ ଉଦ୍ଧବ ଚମ୍ପଟ ମାରିଥିଲେ। ନାବାଳିକାଙ୍କୁ ଉଦ୍ଧାର କରି ଘରେ ଛଡ଼ାଯାଇଥିଲା। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୯୧/୧୯ରେ ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତ କରି ଉଦ୍ଧବଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ମାମଲା ବିଚାର ବେଳେ ୧୮ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଥିବା ଉଦ୍ଧବଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀମାନଙ୍କ ବୟାନ ଆଧାରରେ ପ୍ରମାଣ ମିଳିଥିବାରୁ ଜଜ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମାମଲା ପରିଚାଳନା କରିଥିଲେ।

# ଅନ୍‌ଲାଇନ ଟ୍ରେଡିଂ ଶିକ୍ଷା ନାଁରେ ଠକେଇ

## ସରକାରୀ କର୍ମଚାରୀଙ୍କ ଆକାଉଣ୍ଟରୁ ନେଇଗଲେ ୨୦ ଲକ୍ଷ

ବ୍ରହ୍ମପୁର,୧୯।୩(ସୁବାସ ଚନ୍ଦ୍ର ପାଢ଼ୀ)

ସାଇବର ଠକ ବିଭିନ୍ନ ଉପାୟରେ ଲୋକଙ୍କୁ ଠକିବାରେ ଲାଗିଛନ୍ତି। ଗତ ୩ ମାସ ମଧ୍ୟରେ ସାଇବର ଥାନାରେ ଏଭଳି ୧୪ ମାମଲା ରୁଜୁ ହେଲାଣି। ଏହି କ୍ରମରେ ଅନଲାଇନରେ ଟ୍ରେଡିଂ ଶିକ୍ଷା ଦେବା ନାଁରେ ଜଣେ ସରକାରୀ କର୍ମଚାରୀଙ୍କ ଠାରୁ ୨୦ ଲକ୍ଷ ଟଙ୍କା ଠକେଇ ହୋଇଥିବା ମଙ୍ଗଳବାର ସାଇବର ଥାନାରେ ଅଭିଯୋଗ ହୋଇଛି।

ଉତ୍ତରପ୍ରଦେଶର ଜଣେ ବ୍ୟକ୍ତି ବ୍ରହ୍ମପୁର ନିକଟରେ କେନ୍ଦ୍ର ସରକାରଙ୍କ ଅଧିନରେ ଥିବା ଏକ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି । କିଛିଦିନ ତଳେ ସେ ଷ୍ଟକ ମାର୍କେଟ ଇନଭେଷ୍ଟ ଶିକ୍ଷା ବିଷୟରେ ଏକ ହ୍ୱାଟ୍ସଆପ ଗ୍ରୁପରୁ ଜାଣି ସେଥିରେ ଯୋଡି ହୋଇଥିଲେ। 'କେକେଆରସିଏ ଷ୍ଟଡିଙ୍ଗ ଗ୍ରୁପ' ନାମକ ଏହି ଗ୍ରୁପର ଆଡମିନ ଓ ସହଯୋଗୀମାନେ ବିଭିନ୍ନ ସମୟରେ ଗ୍ରୁପ ସଦସ୍ୟଙ୍କୁ ଅନଲାଇନ ଟ୍ରେଡିଂ ବିଷୟରେ ଶିକ୍ଷା ଦେଉଥିେ। କିଛି ଦିନ ପରେ ସରକାରୀ କର୍ମଚାରୀ ଜଣଙ୍କୁ ଏକ ଆପ ଡାଉନଲୋଡ କରିବାକୁ ପରାମର୍ଶ ଦିଆଯାଇଥିଲା। ସେ ଆବଶ୍ୟକୀୟ ପ୍ରମାଣପତ୍ର ଦାଖଲ କରିବା ପରେ ଅନୁରାଗ ଠାକୁର ନାମକ ଜଣେ ଠକ ତାଙ୍କୁ ଅନଲାଇନ ଟ୍ରେଡିଂ ପାଇଁ 'ସେବି' ଦ୍ୱାରା ପ୍ରଦତ୍ତ ଏକ ପ୍ରମାଣପତ୍ର ପଠାଇଥିଲେ। ସେହି ପ୍ରମାଣପତ୍ର ପାଇବା ପରେ ସରକାରୀ କର୍ମଚାରୀ ଜଣଙ୍କ ଏହି କମ୍ପାନୀ ଉପରେ ବିଶ୍ୱାସ କରିଥିଲେ । ପରେ ତାଙ୍କୁ '୮୩–ଭିଆଇପି ରାହୁଲ କୁମାର' ନାମକ ଏକ ଗ୍ରୁପରେ ଯୋଗ ଦେଇ ସେଠାରୁ ଟ୍ରେଡିଂ ସମ୍ବନ୍ଧୀୟ ଟିପ୍ସ ନେବାକୁ କୁହାଯାଇଥିଲା । କିଛି ଦିନ ପରେ କମ୍ପାନୀ ପକ୍ଷରୁ ନୂତନ ଭାବେ ଆଇପିଓ ଆରମ୍ଭ ହେଉଛି, ସେଥିରେ ଆବେଦନ କରିବାକୁ କୁହାଯାଇଥିଲା। ୬୦୦୦ ଆଇପିଓ କିଣିବାକୁ ୨୬ ଲକ୍ଷ ଟଙ୍କା ଜମା କରିବାକୁ ହେବ ବୋଲି କୁହାଗଲା। ତେଣୁ ସରକାରୀ କର୍ମଚାରୀ ଜଣଙ୍କ ପର୍ଯ୍ୟାୟକ୍ରମେ ୨୦ ଲକ୍ଷ ଟଙ୍କା ଜମା କରିଥିଲେ । ହେଲେ ସେ ତାଙ୍କ ଟ୍ରେଡିଂ ଆକାଉଣ୍ଟରୁ କୌଣସି ଟଙ୍କା ଉଠାଇ ପାରି ନ ଥିଲେ। ଗ୍ରୁପ ଓ କମ୍ପାନୀର କର୍ମଚାରୀଙ୍କ ସହ ଯୋଗାଯୋଗ କରିବାରୁ ଟ୍ୟାକ୍ସ କଟିବା ସମ୍ପର୍କିତ ସମସ୍ୟା ଯୋଗୁ ଟଙ୍କା ଉଠି ପାରୁନଥିବା କୁହାଯାଇଥିଲା । ସନ୍ଦେହ ହେବାରୁ ସରକାରୀ କର୍ମଚାରୀ ଜଣଙ୍କ ଉକ୍ତ କମ୍ପାନୀ ବିଷୟରେ ବିଭିନ୍ନ ଆଡୁ ଯାଞ୍ଚ କରିବାରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିଥିଲେ। ଏ ନେଇ ସେ ସାଇବର ଥାନାକୁ ଯାଇ ଅଭିଯୋଗ କରିଥିଲେ। ପୋଲିସ ନଂ.୧୪/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

### ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

ଆସିକା ୧୯।୩ (ସୁରେନ୍ଦ୍ର ନାଥ ସାହୁ): ଆସିକା ପୋଲିସ ପକ୍ଷରୁ ସୋମବାର ରାତିରେ ଆସିକା ବସଷ୍ଟାଣ୍ଡରୁ ୧୩ କିଲୋ ଗଞ୍ଜେଇ ଜବତ କରାଯିବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତ ଜଣକ ହେଲେ କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଅନ୍ତର୍ଗତ କାଶିନିପଦର ଗ୍ରାମର ମାନସ ରଞ୍ଜନ ଦିଗାଲ । ଗିରଫ ଅଭିଯୁକ୍ତଙ୍କ ବିରୁଦ୍ଧରେ ଆସିକା ଥାନାରେ ୨୧୯/୨୪ରେ ଏକ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ଉପଖଣ୍ଡ ଅଧିକାରୀ ସଂଜୟ କୁମାର ମହାପାତ୍ର ସୂଚନା ଦେଇଛନ୍ତି।

# ପୃଥକ୍ ସ୍ଥାନରୁ ମୋବାଇଲ, ଟଙ୍କା ଲୁଟ

ବ୍ରହ୍ମପୁର,୧୯।୩(ସୁବାସ ଚନ୍ଦ୍ର ପାଢ଼ୀ)

ସହରରେ ଲୁଟେରା ଗ୍ୟାଙ୍ଗ ଏବେ ସକ୍ରିୟ ହୋଇ ଉଠିଛନ୍ତି। ପୃଥକ ଥାନା ଅଞ୍ଚଳରୁ ୨ ଜଣଙ୍କ ଠାରୁ ମୋବାଇଲ ଫୋନ ଓ ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଶକ୍ତିନଗର ୭ମ ଲାଇନରେ ରହୁଥିବା ହେମାଙ୍ଗ ପ୍ରସାଦ ରାଉଳ ଘର ନିକଟରେ ଠିଆ ହୋଇ ତାଙ୍କ ବନ୍ଧୁଙ୍କ ସହ କଥା ହେଉଥିଲେ। ଏହି ସମୟରେ ୨ ଯୁବକ ବାଇକରେ ଆସି ତାଙ୍କୁ ଧକ୍କା ମାରି ତାଙ୍କ ମୋବାଇଲ ଫୋନ ଝାମ୍ପି ନେଇଥିଲେ। ସେ ଏନେଇ ନିମଖଣ୍ଡି ଥାନାରେ ଗତ ୧୬ ତାରିଖରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୮୮/୨୪ରେ ଏକ ମାମଲା ରୁଜୁ କରିଛି। ସେହିପରି ଗୋକର୍ଣ୍ଣପୁର ଗ୍ରାମର ଅସିତ ଜେନା ଏକ ଗାଡିରେ ସୋମବାର ଗାଈ ଧରି ଘରକୁ ଯାଉଥିଲେ। ଜାତୀୟ ରାଜପଥ ପୁକଡ଼ିବନ୍ଧ ଛକରେ ୩/୪ଜଣ ଯୁବକ ତାଙ୍କ ଗାଡି ଅଟକାଇ ମାଡ ମାରିବା ସହ ପକେଟରୁ ୨୫୦୦ ଟଙ୍କା , ମୋବାଇଲ ଫୋନ ଓ ସେ କିଣି ଆଣିଥିବା ୧୦ଗାଈକୁ ମଧ୍ୟ ନେଇଯାଇଥିଲେ। ଏ ନେଇ ବୈଦ୍ୟନାଥପୁର ଥାନାରେ ଅସିତଙ୍କ ଅଭିଯୋଗକ୍ରମେ ନଂ.୧୭୦/୨୪ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି।

# ବ୍ୟବସାୟୀଙ୍କଠୁ ୨୩ ଲକ୍ଷ ଠକିନେଲେ

ବ୍ରହ୍ମପୁର,୧୯।୩(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଚାଞ୍ଚଡାପଡ଼ିଆ ବିଶ୍ୱନାଥ ନଗରର ବ୍ୟବସାୟୀ ମନୋଜ ସାହୁଙ୍କ ଆକାଉଣ୍ଟରୁ ୨୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ହୋଇଛି। ଜଣେ ଯୁବକ ଚଞ୍ଚକତା କରି ଏପରି କରିଥିବା ମନୋଜ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ବିଶ୍ୱନାଥନଗରର ମନୋଜଙ୍କୁ ୪ ମାସ ତଳେ ଜଣେ ଯୁବକ ଭେଟିଥିଲେ। ବ୍ୟବସାୟ ପାଇଁ ବ୍ୟାଙ୍କରୁ ଋଣ କରାଇଦେବେ ବୋଲି କହି ତାଙ୍କଠାରୁ ଜିଏସ୍‌ଟି ନମ୍ବର, ପାନ କାର୍ଡ, ଆଧାର କାର୍ଡ, ବିଦ୍ୟୁତ୍ ବିଲ୍ ନେଇଥିଲେ। ୨୦୨୩ ଡିସେମ୍ବରରେ ଯୁବକ ଜଣଙ୍କ ମନୋଜଙ୍କୁ ବ୍ୟାଙ୍କ ଋଣ ମଞ୍ଜୁର ହୋଇଯାଇଥିବା ଜଣାଇଥିଲେ। ସେହି ମାସ ୬ରୁ୧୧ ତାରିଖ ମଧ୍ୟରେ ୪ ପର୍ଯ୍ୟାୟରେ ଆଦିତ୍ୟ ବିର୍ଲା ଫାଇନାନ୍ସରୁ ୨୩ ଲକ୍ଷ ୩୬୭୦ ଟଙ୍କା ମନୋଜଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆସିଥିଲା। ଏହାଦେଖି ସେ ଖୁସି ହୋଇଯାଇଥିଲେ। ପରେ ୧୭ ତାରିଖରେ ସମ୍ପୃକ୍ତ ଯୁବକ ଜଣଙ୍କ ମନୋଜଙ୍କୁ ଭେଟି ଉକ୍ତ ଫାଇନାନ୍ସ ସଂସ୍ଥା ଅଧିକ ସୁଧ ନେବ, ତେଣୁ କମ ସୁଧ ନେବା ସଂସ୍ଥାରୁ ଋଣ ଆଣିବା ବୋଲି କହିବାରୁ ମନୋଜ ରାଜି ହୋଇଯାଇଥିଲେ। ପରେ ଯୁବକ ଜଣଙ୍କ ମନୋଜଙ୍କ ମୋବାଇଲ ଫୋନରୁ ଚଞ୍ଚକତା କରି ଋଣ ଦେଇଥିବା ଆଦିତ୍ୟ ବିର୍ଲାକୁ ଉକ୍ତ ଟଙ୍କା ପଠାଇବା ବଦଳରେ ବେନାମୀ ସଂସ୍ଥାକୁ ପ୍ରଥମେ ୧ଟଙ୍କା ପଠାଇଥିଲେ। ଦିନକ ପରେ ବ୍ୟବସାୟୀଙ୍କ ଆକାଉଣ୍ଟରୁ ୨୩ ଲକ୍ଷ ୩୬୬୮ ଟଙ୍କା ବେନାମୀ ସଂସ୍ଥା ଆକାଉଣ୍ଟକୁ ଚାଲିଯାଇଥିଲା। ପରେ ଯୁବକଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା। ତେଣୁ ମନୋଜ ଠକେଇର ଶିକାର ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ନଂ.୧୩/୨୪ରେ ମାମଲା ରୁଜୁ ହୋଇଛି।

# ଭଞ୍ଜନଗରରେ ବିଜେଡିର ମିଶ୍ରଣ ପର୍ବ

ଭଞ୍ଜନଗର,୧୯।୩(ବାବୁଲା ପ୍ରଧାନ):



ନୂତନ କର୍ମୀ, ନେତାଙ୍କୁ ମନ୍ତ୍ରୀ ସ୍ୱାଗତ କରୁଛନ୍ତି ।

ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମଙ୍ଗଳବାର ସନ୍ଧ୍ୟାରେ ଭଞ୍ଜନଗରରେ ଏକ ବଡ଼ଧରଣର ମିଶ୍ରଣ ପର୍ବ କରି ବିରୋଧିଙ୍କୁ ଶକ୍ତି ଦେଖାଇଛନ୍ତି । ଟାଉନହଲ୍‌ରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଜଗନ୍ନାଥପ୍ରସାଦ ବ୍ଲକର ୩ଜଣ ସରପଞ୍ଚଙ୍କ ସମେତ ସେମାନଙ୍କ ଶତାଧିକ ସମର୍ଥକ ବିଜେଡ଼ିରେ ଯୋଗ ଦେଇଛନ୍ତି। ସେମାନେ ହେଲେ ଜଗନ୍ନାଥପ୍ରସାଦର ଭାଜପା ସମର୍ଥିତ ସରପଞ୍ଚ ରଶ୍ମିତା, ଛାମୁଣ୍ଡାର ସ୍ୱାଧିନ ସରପଞ୍ଚ ଶର୍ମିଷ୍ଠା ମଲ୍ଲିକ, ଅଲାଡ଼ିର ସ୍ୱାଧିନ ସରପଚଞ୍ଚ ବାବାଜି ପୋଲେଇ ଏବଂ ସେମାନଙ୍କ ଶତାଧିକ ସମର୍ଥକ । ରୁଢ଼ାପଦର ପଞ୍ଚାୟତର ମଧ୍ୟ କଂଗ୍ରେସ ଦଳର ବହୁ କର୍ମୀ ବିଜେଡ଼ିରେ ଯୋଗଦେଇଛନ୍ତି। ଭଞ୍ଜନଗର ବ୍ଲକ ବଦାଙ୍ଗି, ତୁମାକୁମ୍ପା, ମୁଜାଗଡ଼ ପଞ୍ଚାୟତର ମଧ୍ୟ ଶତାଧିକ ବିରୋଧି ଦଳର କର୍ମୀ କରି ବିଜେଡ଼ିରେ ଯୋଗ ଦେଇଛନ୍ତି । ସେହିଭଳି ଭଞ୍ଜନଗର ନିର୍ବାଚନମଣ୍ଡଳୀର ଜଣାଶୁଣା କଂଗ୍ରେସ ନେତା ତଥା ଆଇନଜିବୀ ଖରାଂଶୁ ଶେଖର ଦାସ ବିଜେଡ଼ିରେ ଯୋଗ ଦେଇଛନ୍ତି। ନୂତନ ନେତା ଓ କର୍ମୀମାନଙ୍କୁ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଗଞ୍ଜାମ ଜିଲା ବିଜେଡ଼ି ସଭାପତି ଡ଼.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା ସ୍ୱାଗତ କରିଥିଲେ। ଆୟୋଜିତ ମିଶ୍ରଣ ପର୍ବରେ ମନ୍ତ୍ରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ରେକର୍ଡ଼ ଭୋଟରେ ନିର୍ବାଚିତ କରି ଦେଶରେ ଏକ ନୂଆ ଇତିହାସ ସୃଷ୍ଟି କରିବା ପାଇଁ କର୍ମୀମାନଙ୍କୁ ନିବେଦନ କରିଥିଲେ। ପୂର୍ବତନ ଏନଏସି ଅଧ୍ୟକ୍ଷ ସୁଧିର ରଞ୍ଜନ ବେହେରା ସଭା ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥପ୍ରସାଦ ବ୍ଲକ ଅଧ୍ୟକ୍ଷା ଜୟଶ୍ରୀ ସାହୁ, ଉପାଧ୍ୟକ୍ଷ ରଞ୍ଜିତ କୁମାର ପାତ୍ର, ଭଞ୍ଜନଗର ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ, ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଉପାଧ୍ୟକ୍ଷା ରାଜଶ୍ରୀ ଦାସ, ଏମପି ପ୍ରତିନିଧି ବିପ୍ର ଚରଣ ବାରିକ, ଦିବାକର ନାୟକ, ପଞ୍ଚାନନ ପାଳ, ନଗର ବିଜେଡ଼ି ସଭାପତି ରାଜେନ୍ଦ୍ର ବିଷୋୟୀ, ଜିଲା ବିଜେଡ଼ି ଉପ ସଭାପତି ରାଜ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଭଞ୍ଜନଗର ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଓଡ଼ିଆଙ୍କ ପାଇଁ ପଖାଳ ଅମୃତ ସଦୃଶ

ବ୍ରହ୍ମପୁର,୧୯।୩(ତନୁଶ୍ରୀ ନାହାକ)



ବୁଧବାର ବିଶ୍ୱ ପଖାଳ ଦିବସ। ଏହି ଦିବସ ଆସିଲେ ଓଡ଼ିଆଙ୍କ ପଖାଳ କଂସାର କଥା ମନକୁ ଆସେ। ବିଶେଷ କରି ଖରାଦିନେ ପଖାଳ ଓଡ଼ିଆଙ୍କ ଅତି ଆବଶ୍ୟକ ହେଉଥିବାରୁ ସମସ୍ତେ ଏହି ଦିବସକୁ ସ୍ୱାଗତ କରିଥାନ୍ତି।

ଓଡ଼ିଶାରେ ସାଧାରଣତଃ ଧନୀଠାରୁ ଗରିବ ପର୍ଯ୍ୟନ୍ତ ସଭିଏଁ ପଖାଳକୁ ପ୍ରାଥମିକତା ଦେଇଥାନ୍ତି। ଏହା ଖରାଦିନରେ ଶରୀରରେ ଜଳୀୟ ଅଂଶ ବୃଦ୍ଧି କରାଇ ସତେଜ ରଖିଥାଏ। ପଖାଳ ସହିତ ଲୋକେ ବଡ଼ି ଚୁରା, ଶୁଖୁଆ, ଶାଗ ଭଜା, ଆଳୁ ଭର୍ତ୍ତା, ଜହ୍ନିପୋଡ଼ା ଆଦି ମିଶାଇ ଖାଇଥାନ୍ତି। ୨୦୧୫ରୁ ମାର୍ଚ୍ଚ ୨୦ ତାରିଖକୁ ପଖାଳ ଦିବସ ଭାବେ ପାଳନ କରାଯାଉଛି। ଓଡ଼ିଶା ସମେତ ବାହାରେ ରହୁଥିବା ଓଡ଼ିଆମାନେ ଏହି ଦିବସର ମହତ୍ତ୍ୱକୁ ବୁଝୁଛନ୍ତି। ପଖାଳର ଲୋକପ୍ରିୟତା ବୃଦ୍ଧି ନିମନ୍ତେ ଲୋକେ ହ୍ୱାଟସଅପ, ଫେସବୁକ, ଇନଷ୍ଟାଗ୍ରାମରେ ବର୍ଣ୍ଣନା କରି ଏହି ପାରମ୍ପରିକ ଖାଦ୍ୟ ସହ ବ୍ୟଞ୍ଜନର ଫଟୋ ସେୟାର କରୁଥିବା ଦେଖିବାକୁ ମିଳୁଛି।

ଯେବେଠାରୁ ପଖାଳ ଦିବସ ଆରମ୍ଭ ହୋଇଛି ସେବେଠାରୁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ହୋଟେଲଗୁଡିକରେ ମଧ୍ୟ ପଖାଳର ଚାହିଦା ବୃଦ୍ଧି ପାଇଛି। ତେଣୁ ହୋଟେଲଗୁଡିକରେ ପଖାଳ ସହିତ ଅନ୍ୟାନ୍ୟ ବଞ୍ଜନ ପରଷାଯାଉଛି। ଦହି ପଖାଳ, ଗରମ ପଖାଳ, ତୋରାଣୀ ପଖାଳ ଆଦି ବିଭିନ୍ନ ହୋଟେଲରେ ମିଳୁଛି। ରେଶମ ସହର ବ୍ରହ୍ମପୁରରେ ଖରାଦିନେ ଆସିଲେ ନନ୍ଦନ ହୋଟେଲରୁ ଆରମ୍ଭ କରି ଡ଼ାଲମା, ସତ୍ୟସାଇ, ଭୁବନେଶ୍ୱରୀ ପ୍ରତ୍ୟେକ ହୋଟେଲରେ ପଖାଳ ମିଳୁଛି। ୮ ବର୍ଷ ପୂର୍ବେ ମାତ୍ର ୩୫ ରୁ ୪୦ ଟଙ୍କା ମଧ୍ୟରେ ଆରମ୍ଭ ହୋଇଥିବା ପଖାଳ କଂସା ଏବେ ସହରରେ ୧୦୦ରୁ ୧୫୦ ଟଙ୍କାରେ ବିକ୍ରି ହେଉଛି। ପଖାଳ ଖାଇବାକୁ ଲୋକଙ୍କ ଭିଡ ମଧ୍ୟ ହେଉଛି। ଏଥିରୁ ପଖାଳର ଚାହିଦା କେତେ ଅଧିକା ତାହା ଏଥିରୁ ବୁଝି ହେଉଛି।

## ଆଜି ବିଶ୍ୱ ପଖାଳ ଦିବସ

## ଆମେ ଭେଟିଥିଲୁ



"ଖରାଦିନେ ଗ୍ରାହକଙ୍କ ପ୍ରଥମ ପସନ୍ଦ ପଖାଳ। ୮ ବର୍ଷ ହେଲା ଏହି ହୋଟେଲରେ ପଖାଳ ବ୍ୟବସ୍ଥା କରାଯାଇଛି। ପ୍ରାୟ ସବୁ ସମୟରେ ପଖାଳ ମିଳୁଥିବାବେଳେ ଦିବସ ଆସିଲେ ଚାହିଦା ଅଧିକ ରହୁଛି। ଓଡ଼ିଆଙ୍କ ପାଇଁ ପଖାଳ ଅମୃତ ସଦୃଶ ହୋଇଥିବାରୁ ନିୟମିତ ଅପେକ୍ଷା ୩୦ ପ୍ରତିଶତ ଅଧିକ ଗ୍ରାହକ ପଖାଳ ବରାଦ କରିଥାନ୍ତି। ପୂର୍ବରୁ ୪୦ ଟଙ୍କା ଥିବାବେଳେ ଏବେ ପଖାଳ ଥାଳି ୧୧୦ ଟଙ୍କା ରହିଛି। ପଖାଳ ସହ ଆଳୁଭର୍ତ୍ତା, ବଡ଼ିଚୁରା, ଘାଣ୍ଟ ତରକାରୀ, ଶାଗ, ଆଚାର ନିୟମିତ ରହିଥାଏ। ପଖାଳ ଦିବସ ପାଇଁ ସ୍ୱତନ୍ତ୍ର ଭାବେ ଆମିଷର ବି ବ୍ୟବସ୍ଥା ରହିଛି।

**କେ.ସତୀଶ, ମାଲିକ (ହୋଟେଲ ଡାଲମା)**



"ପଖାଳ ଓଡ଼ିଆଙ୍କ ପାରମ୍ପାରିକ ଖାଦ୍ୟ। ଗୃହିଣୀଙ୍କ ପାଇଁ ପଖାଳ ଦିବସ ନିତଦିନିଆ। ଗୃହିଣୀ ମାନେ ଅଧିକାଂଶ ଦିନ ବଳକା ଖାଦ୍ୟ ନଷ୍ଟ କରିବା ପରିବର୍ତ୍ତେ ଏହାକୁ ପଖାଳ ପ୍ରସ୍ତୁତ କରି ଖାଇବାକୁ ଭଲପାଆନ୍ତି। ବର୍ତ୍ତମାନ ଯୁଗରେ ପିଲାମାନେ ପିଜା ବର୍ଗର ଫାଷ୍ଟଫୁଡ଼ ପରିବର୍ତ୍ତେ ପଖାଳକୁ ଆଦରି ନେବା ଜରୁରୀ।

**–ସୁପ୍ରଭା ସାମଲ, ଗୃହିଣୀ**



"ପିଲାଦିନରୁ ପଖାଳ ପ୍ରତି ଦୁର୍ବଳତା ରହିଛି। ବାହାରେ ସାଙ୍ଗସାଥୀ ମେଳରେ ସବୁବେଳେ ଯେତେ ଫାଷ୍ଟଫୁଡ଼, ବିରିୟାନୀ ଅବା ଅନ୍ୟ ପଶ୍ଚାତ୍ୟ ଖାଦ୍ୟ ଖାଇଲେ ସୁଦ୍ଧା ଆମ ଓଡ଼ିଆ ପଖାଳ କଂସାର ଶାନ୍ତି କେଉଁଠିରେ ମଧ୍ୟ ନାହିଁ। ଜାଣି ଶୁଣି ଫାଷ୍ଟଫୁଡ଼ ଖାଇ ଦେହ ଖରାପ କରୁ। କିନ୍ତୁ ପ୍ରତିଦିନ ଘରୁ ବାହାରକୁ ଯିବା ପୂର୍ବରୁ ହେଉ ସକାଳୁ ଘରେ ପଖାଳ କଂସା ସହ ମାଆ ହାତ ତିଆରି ତରକାରୀର ସ୍ୱାଦ ନିଆରା ହୋଇଥାଏ।

**–ଅନିଲ ରେଡ୍ଡୀ (ଗ୍ରାହକ)**

